# NATIONAL NEWS BULLETIN (ODIA)

## 17th September - 2026

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଉତ୍ପାଦନ କ୍ଷେତ୍ରର ଆବଶ୍ୟକତା ପୂରଣ ପାଇଁ ଆନ୍ତର୍ଜାତିକ ସ୍ତରରେ ଭାରତ ଏକ ନିର୍ଭରଯୋଗ୍ୟ ତଥା ସ୍ଥିର ଦେଶଭାବେ ପରିଗଣିତ ହେଉଛି; କହିଲେ ପ୍ରଧାନମନ୍ତ୍ରୀ ।
- ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଏବଂ ଜନସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ଆଜିଠାରୁ ଆରମ୍ଭ ହେଲା ସେବା ସଙ୍କଳ୍ପ ଅଭିଯାନ ।
- ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କପାଇଁ ବାଧ୍ୟତାମୂଳକ ୩ଟି ଭାଷା ନୀତି ପ୍ରଣୟନ ୨୦୨୭ ଶିକ୍ଷାବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ପରାମର୍ଶ ଦେଲେ ସୁପ୍ରିମ୍‌କୋର୍ଟ ।
- ବିକଶିତ ଭାରତପାଇଁ ବିକଶିତ ଗ୍ରାମ ଦୃଷ୍ଟିକୋଣ ଆଧାରରେ ଗ୍ରାମାଞ୍ଚଳ କ୍ଷେତ୍ରରେ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବାକୁ ଆହ୍ୱାନ ଦେଲେ ଗ୍ରାମୀଣ ବିକାଶ ମନ୍ତ୍ରୀ ।

ଏବଂ

- ତୃତୀୟ ତଥା ଅନ୍ତିମ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଆଫଗାନିସ୍ତାନ ।

## ପି.ଏମ୍. ସେମିକନ୍ - ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ବିଶ୍ୱ ଏବେ ଏକ ନୂତନ ତଥା ବିଶ୍ୱସ୍ତ ଉତ୍ପାଦନ କ୍ଷେତ୍ର ଅନ୍ୱେଷଣ କରୁଛି । ଭାରତ ଏହି ଆବଶ୍ୟକତାକୁ ପୂରଣ କରିବାପାଇଁ ନିରନ୍ତର ଭାବେ ନିଜକୁ ପ୍ରସ୍ତୁତ କରୁଛି । ନୂଆଦିଲ୍ଲୀର ଯଶୋଭୂମିରେ ସେମିକନ୍ ଇଣ୍ଡିଆ-୨୦୨୬ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଆନ୍ତର୍ଜାତିକ ସ୍ତରରେ ଉତ୍ପାଦନ କ୍ଷେତ୍ର ଆବଶ୍ୟକତା ପୂରଣ କରିବାପାଇଁ ଏକ ନିର୍ଭରଯୋଗ୍ୟ ଏବଂ ସ୍ଥିର ଦେଶ ଭାବେ ଭାରତ ପରିଗଣିତ ହେଉଛି । ଏହି ଅବସରରେ ଶ୍ରୀ ମୋଦି କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତାର ବିର୍ଦ୍ଧିତ ଚାହିଦା, ମେମୋରି ପ୍ଲେସ୍‌ମେଣ୍ଟ ଓ ତାପ ପରିଚାଳନା ଆଦି ବ୍ୟବସ୍ଥାକୁ ସମନ୍ୱିତ କରିବାରେ ଉପଯୋଗୀ ସାବ୍ୟସ୍ତ ହେଉଛି । ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ତ୍ୱରାନ୍ୱିତ ହୋଇଛି ଏବଂ ଏହାଦ୍ୱାରା ନବସୃଜନ, ନିବେଶ ଏବଂ ଅଭିବୃଦ୍ଧିପାଇଁ ନୂତନ ସୁଯୋଗ ଉନ୍ମୁକ୍ତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM-Semi)*** :.....

ପ୍ରଧାନମନ୍ତ୍ରୀ କହିଛନ୍ତି, ସେମିକଣ୍ଡକ୍ଟର ମିଶନ ଟୁ ପଏଣ୍ଟ ଓ'ର ପ୍ରଥମ ପର୍ଯ୍ୟାୟରେ ବ୍ୟୟ ଅଟକଳ ୮ ବିଲିୟନ ଆମେରିକୀୟ ଡଲାରରୁ ୧୩ ଦଶମିକ ୫ ବିଲିୟନ ଡଲାରକୁ ବୃଦ୍ଧି ପାଇଛି । ଏପର୍ଯ୍ୟନ୍ତ ୧୨ଟି ଚିପ୍ସ ନିର୍ମାଣ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଭବିଷ୍ୟତରେ ଏହା ଅଧିକ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦେଶର ପ୍ରତ୍ୟେକ ନାଗରିକ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଅଙ୍ଗୀକାରବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବୈଶ୍ୱିକ ଆହ୍ୱାନ ସତ୍ତ୍ୱେ ଭାରତ ୭ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ।

ସମାରୋହରେ ଉଦ୍‌ବୋଧନ ଦେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତରେ ସେମିକଣ୍ଡକ୍ଟ ଶିଳ୍ପ ପ୍ରତିଷ୍ଠା ସମ୍ଭବ ହୋଇପାରିଛି । ସେମିକନ୍ ଟୁ ପଏଣ୍ଟ ଓ' ଅଧୀନରେ ଶିଳ୍ପ ପ୍ରତିଷ୍ଠା ୬ଟି ପ୍ରମୁଖ ପ୍ରସଙ୍ଗ ଉପରେ କେନ୍ଦ୍ରୀଭୂତ ହୋଇଛି । ସେଗୁଡ଼ିକ ହେଉଛି ସେମିକଣ୍ଡକ୍ଟର ଡିଜାଇନ୍, ମେସିନ୍ ଏବଂ ସାମଗ୍ରୀ, ମେମୋରୀ, ସିଲିକନ୍, କମ୍ପାଉଣ୍ଡ୍ ଏବଂ ଲଜିକ୍ ଫାବ୍ରିକେସନ ୟୁନିଟ୍ ଓ ଗବେଷଣା ଏବଂ ବିକାଶ । ସେ କହିଛନ୍ତି, ଭାରତରେ ଚିପ୍ ପ୍ରସ୍ତୁତ କରିବାପାଇଁ ଅତିକମ୍‌ରେ ୨ ଶହଟି ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗ କ୍ଷେତ୍ରରେ ସହଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ଏହି ସମ୍ମିଳନୀରେ ୬୦୦ରୁ ଅଧିକ ପ୍ରଦର୍ଶକ, ୩୦୦ ଆନ୍ତର୍ଜାତୀୟ କମ୍ପାନୀ ଏବଂ ୫୦ରୁ ଅଧିକ ଦେଶର ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି । ଜାପାନ, ଦକ୍ଷିଣକୋରିଆ, ମାଲେସିଆ, ନେଦରଲ୍ୟାଣ୍ଡ୍ସ, ସିଙ୍ଗାପୁର ଓ ସ୍ୱିଡେନ୍ ସମେତ ଭାରତର ୧୨ଟି ରାଜ୍ୟର ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି । ସହଯୋଗ, ନିବେଶ, ନବସୃଜନ ଏବଂ ଦକ୍ଷତା ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ତିନିଦିନିଆ ସମ୍ମିଳନୀ ଅନୁଷ୍ଠିତ ହେଉଛି ।

## ହାଲ୍ - ଏୟାରକ୍ରାଫ୍ଟ

ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ - ହାଲ୍ ଆସନ୍ତାକାଲି ବେଙ୍ଗାଲୁରୁଠାରେ ଭାରତୀୟ ବାୟୁସେନାକୁ ୨ଟି ପ୍ରଶିକ୍ଷଣ ବିମାନ ହସ୍ତାନ୍ତର କରିବ । ସେଗୁଡ଼ିକ ମଧ୍ୟରେ ହାଲୁକା ଯୁଦ୍ଧବିମାନ ତେଜସ୍‌ର ସମ୍ପୂର୍ଣ୍ଣ ପରିଚାଳନା ଲକ୍ଷ୍ୟରେ ତାଲିମ ବିମାନ ଏବଂ ଏଚ୍.ଟି.ଟି. ଫର୍ଟି ବେସିକ୍ ଟ୍ରେନ୍‌ର ଏୟାରକ୍ରାଫ୍ଟ ରହିଛି । ଏଥିସହ ହାଲ୍’ ପରବର୍ତ୍ତୀ ପିଢ଼ି ଧ୍ରୁବ ହେଲିକପ୍ଟର ସାର୍ବଜନୀନ କ୍ଷେତ୍ରରେ ବ୍ୟବହାର ପାଇଁ ପଓ୍ୱନ ହଂସ ଲିମିଟେଡ୍‌କୁ ହସ୍ତାନ୍ତର କରିବ । କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ପି.ଏମ୍. ଗତିଶକ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାର ଆଜି ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଆଜି ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଆଜି ଏହି ସ୍ୱତନ୍ତ୍ର ଧାରାବାହିକରେ ଆମେ ଆପଣଙ୍କୁ 'ମାଇଁ ଗଭ୍' ପ୍ଲାଟ୍‌ଫର୍ମ ମାଧ୍ୟମରେ ଏହି ଲକ୍ଷ୍ୟକୁ କିପରି କାର୍ଯ୍ୟରେ ପରିଣତ କରାଯାଇପାରିଛି, ତାହାର ଉଦାହରଣ ପ୍ରଦାନ କରୁଛୁ ।

୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସରକାର ଏବଂ ନାଗରିକଙ୍କ ମଧ୍ୟରେ ସିଧାସଳଖ ତଥା ନିରନ୍ତର ଯୋଗାଯୋଗ ସ୍ଥାପନ ହୋଇଛି ।  ସୁଶାସନ ଦୃଷ୍ଟିକୋଣରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ସେହିବର୍ଷ ଜୁଲାଇ ମାସରେ 'ମାଇଁ ଗଭ୍' ପ୍ଲାଟ୍‌ଫର୍ମର ଶୁଭାରମ୍ଭ ହୋଇଥିଲା । ପ୍ରଶାସନ ତଥା ନୀତି ନିର୍ଦ୍ଧାରଣରେ ନାଗରିକଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ

ପାଲଟିଛି । ୨୦୨୪ ମସିହା ଜାନୁୟାରୀରେ ନୂଆଦିଲ୍ଲୀରେ ଏନ୍.ସି.ସି. ର୍‍ୟାଲିରେ ଯୋଗଦେଇ 'ମାଇଁ ଗଭ୍' ପ୍ଲାଟ୍‌ଫର୍ମର ଉପଯୋଗ କରି ବିକଶିତ ଭାରତ ସ୍ୱପ୍ନ ସାକାରପାଇଁ ପରାମର୍ଶ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣରେ ସେମାନେ ହେଉଛନ୍ତି ନବଭାରତର ସ୍ଥପତି ।

***Voice (PM)*** :..........

## ଏସ୍.ସି. - ସି.ବି.ଏସ୍.ଇ.

ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କପାଇଁ ବାଧ୍ୟତାମୂଳକ ୩ଟି ଭାଷା ନୀତି ୨୦୨୭ ଶିକ୍ଷାବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ସୁପ୍ରିମ୍ କୋର୍ଟ କେନ୍ଦ୍ର ମାଧ୍ୟମିକ ଶିକ୍ଷା ବୋର୍ଡ଼କୁ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ଗ୍ରହଣ ନେଇ ବିଚାର କରିବାକୁ ବୋର୍ଡ଼କୁ କହିଛନ୍ତି । ତେବେ ୩ଟି ଭାଷା ପଢ଼ିବାକୁ ଇଚ୍ଛୁକ୍ ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ଅନୁମତି ପ୍ରଦାନ କରାଯାଇପାରିବ ବୋଲି କୋର୍ଟ କହିଛନ୍ତି । ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଛାତ୍ରଛାତ୍ରୀଙ୍କପାଇଁ ୩ଟି ଭାଷା ପଢ଼ିବାକୁ ବାଧ୍ୟତାମୂଳକ କରାଯାଇଛି । ସେଥିମଧ୍ୟରେ ଅତିକମ୍‌ରେ ୨ଟି ଭାରତୀୟ

ମୂଳଭାଷା ରହିବା ସହ ତୃତୀୟ କିମ୍ବା ଚତୁର୍ଥ ବିଷୟ ଭାବେ ବିଦେଶୀ ଭାଷାକୁ ଗ୍ରହଣ କରାଯାଇପାରିବ ।

## ଚୌହାନ - ଜି-ରାମ୍-ଜି

'ବିକଶିତ ଭାରତ ପାଇଁ ବିକଶିତ ଗ୍ରାମ' ଦୃଷ୍ଟିକୋଣ ଆଧାରରେ ଗ୍ରାମାଞ୍ଚଳ ବିକାଶପାଇଁ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବାକୁ ଗ୍ରାମୀଣ ବିକାଶ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହାଦ୍ୱାରା ଗ୍ରାମୀଣ ଅର୍ଥନୀତି ସଶକ୍ତ ହୋଇପାରିବ । ବିକଶିତ ଭାରତ - ଜି-ରାମ୍-ଜି ଆଧାରିତ ଏକ ଜାତୀୟ କର୍ମଶାଳାକୁ ସମ୍ବୋଧନ କରି ଶ୍ରୀ ଚୌହାନ' ବିକଶିତ ଗ୍ରାମ ନିର୍ମାଣ ଲକ୍ଷ୍ୟ ନେଇ ବିଭିନ୍ନ କ୍ଷେତ୍ରରେ ମାର୍ଗ ଅନୁସନ୍ଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ପଦକ୍ଷେପ ନିଯୁକ୍ତି କ୍ଷେତ୍ରକୁ ବ୍ୟାପକ କରିବା ସହ ଗ୍ରାମାଞ୍ଚଳକୁ ସ୍ୱାବଲମ୍ବୀ ତଥା ବିକଶିତ କରିବାରେ ଉପଯୋଗୀ ସାବ୍ୟସ୍ତ ହେବ । ଏହି ଯୋଜନା ଅଧୀନରେ ଗ୍ରହଣ କରାଯାଉଥିବା ପଦକ୍ଷେପର ନିୟମିତ ତଦାରଖ କରିବାକୁ ଶ୍ରୀ ଚୌହାନ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ପାଳନ ଅବସରରେ ଶ୍ରୀ ଚୌହାନ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।

## ଜୟଶଙ୍କର - ଭୁଟାନ

ଭାରତ ଗସ୍ତରେ ଆସୁଥିବା ଭୁଟାନ ପର୍ଯ୍ୟଟକଙ୍କପାଇଁ ଅନ୍ତର୍ଜାତୀୟ ୟୁ.ପି.ଆଇ.ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଦୁଇଦିନିଆ ଭୁଟାନ ଗସ୍ତରେ ଥିବା ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁଟାନର ପ୍ରଧାନମନ୍ତ୍ରୀ ସେରିଙ୍ଗ୍ ତୋବ୍‌ଗେ ଓ ବୈଦେଶିକ ମନ୍ତ୍ରୀ ଡି.ଏନ୍. ଧୁଙ୍ଗ୍ୟେଲ୍ ଉପସ୍ଥିତ ଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ୟୁ.ପି.ଆଇ. ଆଧାରିତ ଆର୍ଥିକ କାରବାର ଉପଯୋଗୀ ସାବ୍ୟସ୍ତ ହେବ । ଏହି ଅବସରରେ ଭାରତୀୟ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଭୁଟାନ୍ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାପାଇଁ ନେହେରୁ ୱାଙ୍ଗ୍‌ଚୁକ୍ ଛାତ୍ରବୃତ୍ତି ଯୋଜନାକୁ କାର୍ଯ୍ୟକାରୀ କରିବା ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ତୋବ୍‌ଗେଙ୍କୁ ଡକ୍ଟର ଜୟଶଙ୍କର ଭାରତରେ ନିର୍ମିତ ୫୪ଟି ବୈଦେଶିକ ଯାନ ପ୍ରଦାନ କରିଛନ୍ତି ।

## କୋଲ୍ ମିନିଷ୍ଟ୍ରୀ - ଅକ୍ସନ୍

ନୂଆଦିଲ୍ଲୀରେ ଆଜି ବାଣିଜ୍ୟିକ କୋଇଲା ଖଣି ନିଲାମର ଷୋଡ଼ଶ ପର୍ଯ୍ୟାୟ ଆରମ୍ଭ ହୋଇଛି । ୯ଟି ରାଜ୍ୟର ୨୫ଟି କୋଇଲା ବ୍ଲକ୍ ଏଥିରେ ଅନ୍ତର୍ଭୁକ୍ତ । ଏହି ରାଜ୍ୟଗୁଡ଼ିକ ହେଉଛି - ଓଡ଼ିଶା, ଅରୁଣାଚଳ ପ୍ରଦେଶ,

ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲଙ୍ଗାନା ଓ ପଶ୍ଚିମବଙ୍ଗ । କୋଇଲା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ମୋଟ୍ ୧୪୭ଟି କୋଇଲା ଖଣିର ନିଲାମ କରାଯାଇସାରିଛି । ସେଥିରୁ ବାର୍ଷିକ ରାଜସ୍ୱ ବାବଦରେ ୪୭ ହଜାର ୫ ଶହ କୋଟିରୁ ଅଧିକ ଟଙ୍କା ଆଦାୟ ହେବ । ଏହି ପର୍ଯ୍ୟାୟରେ ନିଲାମ ହେବାକୁ ଥିବା କୋଇଲା ବ୍ଲକ୍‌ଗୁଡ଼ିକରେ ୫୫ ହଜାର କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଆକଳନ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି । ନିଲାମ ପ୍ରକ୍ରିୟାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଦେଶର ଅଭିବୃଦ୍ଧି କ୍ଷେତ୍ରରେ କୋଇଲା କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଛନ୍ତି ।

## ୟୁ.ପି.ଆଇ. - କ୍ଲାରିଫିକେସନ୍

ବ୍ୟକ୍ତିଗତ ସ୍ତରରେ ୟୁ.ପି.ଆଇ. ମାଧ୍ୟମରେ ଅର୍ଥ ଆଦାନ ପ୍ରଦାନ ସମ୍ପୂର୍ଣ୍ଣ ନିଃଶୁଳ୍କ ରହିବ । ପରସ୍ପର ମଧ୍ୟରେ ଅର୍ଥ ଦେଣନେଣ, ବ୍ୟବସାୟ ପ୍ରତିଷ୍ଠାନକୁ QR କୋଡ୍ ସ୍କାନ ସହ ଅନ୍ୟାନ୍ୟ ମାଧ୍ୟମରେ ଦେୟ ପ୍ରଦାନ ନିଃଶୁଳ୍କ ରହିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ଏପରିକି QR କୋଡ୍ ସ୍କାନ ମାଧ୍ୟମରେ ମାସିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟବସାୟୀଙ୍କ କ୍ଷେତ୍ରରେ କୌଣସି ଶୁଳ୍କ ପଡ଼ିବ ନାହିଁ । ରୁପେ ଡେବିଟ୍ କାର୍ଡ଼ ସହ ଜଡ଼ିତ ୟୁ.ପି.ଆଇ.

କାରବାର ମଧ୍ୟ ଶୁଳ୍କମୁକ୍ତ ରହିବ । ଏହାଦ୍ୱାରା ପ୍ରାୟ ୯୬ ପ୍ରତିଶତ ବ୍ୟକ୍ତିଠାରୁ ବ୍ୟବସାୟୀ ମଧ୍ୟରେ ୟୁ.ପି.ଆଇ. କାରବାର ପ୍ରଭାବିତ ହେବ ନାହିଁ ବୋଲି ସରକାର ସୂଚନା ଦେଇଛନ୍ତି ।

## କ୍ରିକେଟ୍

ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଆଉ କିଛି ସମୟ ପରେ ଭାରତ ଓ ଆଫଗାନିସ୍ତାନ ପୁରୁଷ ବର୍ଗ ଚଳିତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ । ଆଫଗାନିସ୍ତାନ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ଏହି ତିନିଟିକିଆ ସିରିଜ୍‌ରେ ଏପର୍ଯ୍ୟନ୍ତ ଭାରତ ୨-୦ରେ ଆଗୁଆ ରହିଛି ।

*****